# ଆଇଆଇଟି ପ୍ରତିଷ୍ଠା...

ଗଭୀର ଆଘାତ ଦେଇଛି । କେନ୍ଦ୍ରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ସମୟରୁ ଏ ଦିଗରେ କେନ୍ଦ୍ର ସରକାର ଅନୁକୂଳ ମତପୋଷଣ କରିଆସୁଥିଲେ । ନିକଟ ଅତୀତରେ ୨୦୦୭ ଅଗଷ୍ଟ ୨୮ରେ ପାଟଣାଠାରେ କେନ୍ଦ୍ର ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଏମ.ଏମ.ଫାତ୍ମି ଏକାଦଶ ପଞ୍ଚବାର୍ଷିକ ଯୋଜନାରେ କେନ୍ଦ୍ର ସରକାର ତିନିଟି ଆଇଆଇଟି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଘୋଷଣା କରିଥିଲେ । ସେଥିରୁ ଓଡ଼ିଶାରେ ଗୋଟିଏ ଆଇଆଇଟି ପ୍ରତିଷ୍ଠା ହେବ ବୋଲି ସୂଚନା ଦେଇଥିଲେ । ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବ୍ୟକ୍ତିଗତ ଭାବରେ ତଥା ପତ୍ର ଜରିଆରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସିଛନ୍ତି ବୋଲି ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ମାତ୍ର ଏହା କାର୍ଯ୍ୟକାରୀ ହୋଇନପାରିବା ଗଭୀର ପରିତାପର ବିଷୟ ବୋଲି ସେ କହିଛନ୍ତି ।

ଓଡ଼ିଶାରେ ସର୍ବୋତ୍କୃଷ୍ଟମାନର କୌଣସି ଉଚ୍ଚଶିକ୍ଷାନୁଷ୍ଠାନ ନଥିବାରୁ ଆଇଆଇଟି ଖଡ଼ଗପୁରର ଏକ କ୍ୟାମ୍ପସ ଭୁବନେଶ୍ୱରଠାରେ ଖୋଲିବା ପାଇଁ ରାଜ୍ୟ ସରକାର ୩୦୦ଏକର ଜମି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହାକୁ କରାଇଦେବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି । ମୁଖ୍ୟମନ୍ତ୍ରୀ ପୁଣି ତାଙ୍କ ପତ୍ରରେ ଆଶାବ୍ୟକ୍ତ କରିଛନ୍ତି ଯେ କେନ୍ଦ୍ର ସରକାର ଓଡ଼ିଶାବାସୀଙ୍କ ନ୍ୟାଯ୍ୟ ଦାବି ପ୍ରତି ସହାନୁଭୂତିଶୀଳ ମନୋଭାବ ପୋଷଣ କରି ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ ।